NATIONAL NEWS BULLETIN (ODIA)

17 November - 2026

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ୨୩ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀରେ ଭାରତ-ଆସିଆନ୍ ମଧ୍ୟରେ ବୃଦ୍ଧିପାଉଥିବା ସହଭାଗିତା ଉପରେ ଗୁରୁତ୍ୱ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।
- ମାନିଲାରେ ଆୟୋଜିତ ସମ୍ମିଳନୀରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ସୁନିଶ୍ଚିତ କରିବା ନେଇ ଦେଲେ ଆହ୍ୱାନ ।
- ମ୍ୟାଲେରିଆ ମୂଳୋତ୍ପାଟନ ଦିଗରେ ଭାରତ ମହତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି - କହିଲେ ରାଷ୍ଟ୍ରପତି ।
- ଟୋକିଓରେ ବୈଦେଶିକ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ଚତୁର୍ଥ ବୈଠକରେ ଯୋଗଦେବାଲାଗି ଆସନ୍ତାକାଲି ଜାପାନ ଗସ୍ତରେ ଯିବେ ପ୍ରତିରକ୍ଷାମନ୍ତ୍ରୀ ।
- ଉତ୍ତରାଖଣ୍ଡରେ ୨ଟି ସଡ଼କ ଦୁର୍ଘଟଣାରେ ୧୨ଜଣଙ୍କ ମୃତ୍ୟୁ ଓ ୩୧ଜଣ ଆହତ ।

ଏବଂ

- ଦକ୍ଷିଣ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟ ବାତ୍ୟା ଅକଓ୍ୱାନ ଆଜି ସଂଧ୍ୟାସୁଦ୍ଧା ଭୀଷଣ ବାତ୍ୟାରେ ହେବ ପରିଣତ ।

ପିଏମ୍-ମାନିଲା ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଆସିଆନ୍ ମଧ୍ୟରେ ବୃଦ୍ଧି ପାଉଥିବା ସହଭାଗିତା ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ସୁନିଶ୍ଚିତ କରିବା ନିମନ୍ତେ ସହଯୋଗ ଲାଗି ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ ଆଜି ଫିଲିପାଇନ୍ସର ରାଜଧାନୀ ମାନିଲାଠାରେ ୨୩ତମ ଆସିଆନ୍ -ଭାରତ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ଆସିଆନ୍‌ରେ ସଫଳ ଅଧ୍ୟକ୍ଷତା ଲାଗି ଫିଲିପାଇନ୍ସର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

V/O (PM Manila Asian Shanti)

ପ୍ରଧାନମନ୍ତ୍ରୀ କହିଛନ୍ତି ଆସିଆନ୍ ନେତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ସମ୍ମିଳନୀରେ ଆଲୋଚନା ହୋଇଛି । ସେ କହିଛନ୍ତି ଭାରତର ଆକ୍ଟଇଷ୍ଟ ନୀତି ଅନୁଯାୟୀ ଗତ କିଛିବର୍ଷ ହେବ ଭାରତ-ଆସିଆନ୍ ସମ୍ପର୍କକୁ ନୂଆଗତି ଓ ଦୃଢ଼ତା ମିଳିପାରିଛି । ଉଭୟପକ୍ଷଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗ ଉପରେ ଶ୍ରୀ ମୋଦୀ କହିଛନ୍ତି ଐତିହ୍ୟ ଏବଂ ସଂସ୍କୃତି ଆଧାରିତ ଦ୍ୱିପାକ୍ଷିକ ସମ୍ପର୍କ ଏବେ ଡିଜିଟାଲ ଉଦ୍ୟୋଗୀକରଣ, ପ୍ରତିରକ୍ଷା ଏବଂ ମହାକାଶ ଭଳି ନୂଆ କ୍ଷେତ୍ରରେ ସମ୍ପର୍କ ସମ୍ପ୍ରସାରିତ ହୋଇଛି । ସେ କହିଛନ୍ତି ୨୦୧୪ରେ ଭାରତ ଏବଂ ଆସିଆନ୍‌ର ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ନିମନ୍ତେ ୧୦୦ରୁ ଅଧିକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହାବ୍ୟତୀତ ୨୫୦ରୁ ଅଧିକ ପ୍ରଭାବକାରୀ ପ୍ରକଳ୍ପ ମଧ୍ୟ ଆରମ୍ଭ କରାଯିବା

ସହ କୌଶଳବିକାଶ ନିମନ୍ତେ ୧୦ହଜାରରୁ ଅଧିକ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା ।

V/O (PM Act East)

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଏବଂ ଆସିଆନ୍‌ର ୯ଟି ଦେଶ ମଧ୍ୟରେ ସିଧାସଳଖ ବିମାନସେବା ତଥା ପର୍ଯ୍ୟଟନ କ୍ଷେତ୍ରରେ ବୃଦ୍ଧି ଉଭୟପକ୍ଷ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କକୁ ଦର୍ଶାଉଛି । ଶ୍ରୀ ମୋଦୀ କହିଛନ୍ତି ଏହି ଶିଖର ସମ୍ମିଳନୀର ବିଷୟ 'ମିଳିତ ଭାବେ ନିଜ ଭବିଷ୍ୟତର ରାସ୍ତା ସ୍ଥିର କରବା' ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତବର୍ଷ କୌଣସି ଆସିଆନ୍ ଦେଶର ଏହା ତୃତୀୟ ଯାତ୍ରା, ଯାହା ଭାରତ ପାଇଁ ଆସିଆନ୍‌ର ବିଶେଷ ମହତ୍ୱକୁ ଦର୍ଶାଉଛି । ସେ କହିଛନ୍ତି ଭାରତର ବିକାଶ ଏବଂ ଆସିଆନ୍‌ର ସମୃଦ୍ଧି ପରସ୍ପର ସହ ସମ୍ପର୍କିତ । ଆସିଆନ୍ ସମୁଦାୟର ଭିଜନ୍-୨୦୪୫ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ।

V/O (PM Indian Asian)

ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୧୨ବର୍ଷରେ ଭାରତ ଏବଂ ଆସିଆନ୍ ମଧ୍ୟରେ ଥିବା ସହଭାଗିତାକୁ ନୂଆ ଗତି ମିଳିଛି । ପ୍ରଧାନମନ୍ତ୍ରୀ ବିଶ୍ୱାସବ୍ୟକ୍ତ କରିଛନ୍ତି ଯେ ଏହି ଶିଖର ସମ୍ମିଳନୀ ଭାରତ-ଆସିଆନ୍ ବ୍ୟାପକ ରଣନୈତିକ ସହଭାଗିତାକୁ ଆହୁରି ଉଚ୍ଚତରସ୍ତରକୁ ନେବ ଏବଂ ସୁରକ୍ଷିତ

ସମାବେଶୀ ତଥା ସମୃଦ୍ଧ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ନିର୍ମାଣରେ ମହତ୍ୱପୂର୍ଣ୍ଣ ସହଯୋଗ ପ୍ରଦାନ କରିବ ।

ପ୍ରେଜ୍-ମ୍ୟାଲେରିଆ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଭାରତ ଗତ କିଛିବର୍ଷ ମଧ୍ୟରେ ମ୍ୟାଲେରିଆ ରୋଗ ଉପରେ ନିୟନ୍ତ୍ରଣ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି । ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ-ଆଇସିଏମ୍ଆର୍ର ରାଷ୍ଟ୍ରୀୟ ମ୍ୟାଲେରିଆ ଅନୁସନ୍ଧାନ ସଂସ୍ଥାନର ସ୍ୱର୍ଣ୍ଣଜୟନ୍ତୀ ସମାରୋହକୁ ସମ୍ବୋଧିତ କରି କହିଛନ୍ତି ଉତ୍ତମ ସ୍ୱାସ୍ଥ୍ୟସେବା, ଉନ୍ନତ ଔଷଧ, ମଶା ନିୟନ୍ତ୍ରଣ ଅଭିଯାନ ଏବଂ ସାମୂହିକ ପ୍ରଚେଷ୍ଟା ଯୋଗୁଁ ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ମିଳିପାରିଛି । ରାଷ୍ଟ୍ରପତି କହିଛନ୍ତି ଗତ ୧୦ବର୍ଷରେ ଦେଶରେ ଦେଖାଦେଇଥିବା ମ୍ୟାଲେରିଆ ସଂକ୍ରମଣ ଏବଂ ଏହାଦ୍ୱାରା ହେଉଥିବା ମୃତ୍ୟୁ ସଂଖ୍ୟା ୮୦ ପ୍ରତିଶତ ହ୍ରାସ ପାଇଛି । ସେହିପରି ମ୍ୟାଲେରିଆ ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲାସଂଖ୍ୟା ୧୫୫ରୁ ୩୩କୁ ହ୍ରାସ ପାଇଛି । ରାଷ୍ଟ୍ରପତି କହିଛନ୍ତି ୨୦୨୨ରୁ ୨୦୨୫ ମଧ୍ୟରେ ୧୬୦ଟି ଜିଲ୍ଲାରେ ଆଦୌ ମ୍ୟାଲେରିଆ ସଂକ୍ରମଣ ମାମଲା ଦେଖାଯାଇ ନାହିଁ । ରାଷ୍ଟ୍ରପତି ଦେଶରେ ମ୍ୟାଲେରିଆ ମୂଲୋତ୍ପାଟନ ଲକ୍ଷ୍ୟ ହାସଲ କରିବା ନିମନ୍ତେ ନିରନ୍ତର ଅନୁସନ୍ଧାନ,

ଜନସଚେତନତା ଏବଂ ସକ୍ରିୟ ସହଯୋଗ ଲାଗି ଆହ୍ୱାନ ଦେଇଛନ୍ତି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ-ରାଷ୍ଟ୍ରୀୟ ମ୍ୟାଲେରିଆ ଅନୁସନ୍ଧାନ ପ୍ରତିଷ୍ଠାନ ମ୍ୟାଲେରିଆ ମୂଲୋତ୍ପାଟନ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ରାଜନାଥ-ଜାପାନ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲିଠାରୁ ଦୁଇଦିନିଆ ଜାପାନ ଯାତ୍ରା କରିବେ । ଏହି ଗସ୍ତକାଳରେ ଭାରତ ଏବଂ ଜାପାନର ବୈଦେଶିକ ଓ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ଚତୁର୍ଥ ବୈଠକରେ ମନ୍ତ୍ରୀ ଶ୍ରୀ ସିଂହ ଭାଗନେବେ । ଜାପାନ ପକ୍ଷରୁ ପ୍ରତିରକ୍ଷାମନ୍ତ୍ରୀ ସିଞ୍ଜିରୋ କୋଇଜୁମି ଏବଂ ବୈଦେଶିକ ମନ୍ତ୍ରୀ ତୋଷିମିତିଶୁ ମୋତେଗି ବୈଠକରେ ସାମିଲ ହେବେ । ଟୋକିଓରେ ହେବାକୁ ଥିବା ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସହ ଅଧ୍ୟକ୍ଷତା କରିବେ ।

ବୈଠକରେ ଉଭୟଦେଶ ମଧ୍ୟରେ ରଣନୈତିକ ଏବଂ ପ୍ରତିରକ୍ଷା କ୍ଷେତ୍ରର ସହଯୋଗ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯିବ । ଅନ୍ୟପକ୍ଷରେ ବିଭିନ୍ନ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ଘଟଣାକ୍ରମ ଉପରେ ଉଭୟଦେଶ ଚିନ୍ତାଧାରା ଆଦାନପ୍ରଦାନ କରିବେ । ସେହିପରି ଉଭୟଦେଶ ସ୍ୱତନ୍ତ୍ର, ମୁକ୍ତ, ସମାବେଶୀ ଏବଂ ନିୟମ ଆଧାରିତ

ଭାରତ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳ ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇବେ ।

ଉତ୍ତରାଖଣ୍ଡ-ରୋଡ଼ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡରେ ପୃଥକ୍ ପୃଥକ୍ ୨ଟି ସଡ଼କ ଦୁର୍ଘଟଣାରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୧ଜଣ ଆହତ ହୋଇଛନ୍ତି । ହରିଦ୍ୱାରରୁ ବଦ୍ରିନାଥ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଆଜି ସକାଳେ ତେହରି ଜିଲ୍ଲାର ଗୁଲାର ନିକଟରେ ପ୍ରାୟ ୧୦୦ମିଟର ଗଭୀର ଖାତକୁ ଖସିପଡିଥିଲା । ଏଥିରେ ୮ଜଣ ପ୍ରାଣ ହରାଇଥିବାବେଳେ ୨୫ଜଣ ଯାତ୍ରୀ ଆହତ ହୋଇଛନ୍ତି । ଦୁର୍ଘଟଣାର ଖବର ପାଇ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏସ୍‌ଡିଆର୍‌ଏଫ୍ ଏବଂ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ ।

ଅନ୍ୟଏକ ଘଟଣାରେ ରୁଦ୍ରପ୍ରୟାଗ ଜିଲ୍ଲାର କ୍ୟୁଞ୍ଜା ଉପତ୍ୟକାରେ ଗତକାଲି ରାତିରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ଜଣ ଆହତ ହୋଇଛନ୍ତି । ଅଗଷ୍ଟମୁନି ବ୍ଲକର କନ୍ଦାରା ରୋଡ଼ରେ ଏହି ଦୁର୍ଘଟଣା ଘଟିଥିଲା । ଏକ ବିବାହ ଉତ୍ସବରୁ ୧୦ଜଣ ଯାତ୍ରୀଙ୍କୁ ନେଇ ଫେରୁଥିବା ଗାଡ଼ିଟି ପୋଖରୀ ଭିତରକୁ ଖସିପଡିଥିଲା । ଖବରପାଇ ସ୍ଥାନୀୟ ପୁଲିସ ଏସ୍‌ଡିଆର୍‌ଏଫ୍ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରାଖଣ୍ଡ ଦୁର୍ଘଟଣାରେ ଗଭୀର ଶୋକପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ନୀତିଆୟୋଗ-ୱାର୍କସପ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆଜି ନୀତିଆୟୋଗ ପକ୍ଷରୁ ମିଶନ ଭାବରେ ନେତୃତ୍ୱ ଶୀର୍ଷକ ପ୍ରଥମ କର୍ମଶାଳା ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଶାସନର ୨୫ବର୍ଷର ଅନୁଭବରୁ ଶିକ୍ଷା ଗ୍ରହଣ କରିବାର ଉଦ୍ଦେଶ୍ୟ ନେଇ ଆୟୋଜିତ ହେଉଥିବା ୫ଟି କର୍ମଶାଳା ମଧ୍ୟରୁ ଏହା ପ୍ରଥମ । ଆଗାମୀ ଦିନରେ ଏହି ଶୃଙ୍ଖଳାର ଅନ୍ୟ ୪ଟି କର୍ମଶାଳା ଆୟୋଜନ କରାଯିବ ।

ସୀତାରମଣ-ପ୍ରି ବଜେଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ବିନିର୍ମାଣ କ୍ଷେତ୍ରର ବିଶେଷଜ୍ଞ ଏବଂ ନେତୃତ୍ୱଙ୍କ ସହ ତୃତୀୟ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ କରିଛନ୍ତି । ୨୦୨୭-୨୮ କେନ୍ଦ୍ରୀୟ ବଜେଟ୍ ପୂର୍ବରୁ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମତୀ ସୀତାରମଣ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଅର୍ଥନୈତିକ ବ୍ୟାପାର ବିଭାଗ, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟବସାୟିକ ବିଭାଗ, ଖଣି ବିଭାଗ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର

ସଚିବ ଏବଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଯୋଗ ଦେଇଥିଲେ । ସୂଚନାଯୋଗ୍ୟ କେନ୍ଦ୍ରୀୟ ବଜେଟ୍ ପୂର୍ବରୁ ପ୍ରତ୍ୟେକ ବର୍ଷ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ଶିଳ୍ପ ନେତୃତ୍ୱ, ଅର୍ଥନୀତିଜ୍ଞ ଏବଂ ରାଜ୍ୟ ଅଧିକାରୀମାନଙ୍କ ସହ ବୈଠକ କରିଥାନ୍ତି । ଏହି ବୈଠକରୁ ଉପଲବ୍ଧ ପରାମର୍ଶ ଓ ତଥ୍ୟକୁ ନେଇ ବଜେଟ୍‌ରେ ବିଭିନ୍ନ ନୀତି ଓ ଯୋଜନା ପ୍ରଣୟନ କରାଯାଇଥାଏ ।

ସାଫ୍ ଚାମ୍ପିୟାନ୍‌ସିପ୍

ସାଫ୍ ଚାମ୍ପିୟାନ୍‌ସିପ୍ ଫାଇନାଲ୍ ପ୍ରତିଯୋଗିତା ଭାରତ ଓ ପାକିସ୍ତାନ ମଧ୍ୟରେ ଆଜି ଢାକାରେ ଅନୁଷ୍ଠିତ ହେବ । ଭାରତ ପୂର୍ବରୁ ୯ ଥର ୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫, ୨୦୨୧ ଏବଂ ୨୦୨୩ରେ ଟାଇଟଲ୍ ହାସଲ କରିଥିଲା । ଭାରତର ଫୁଟ୍‌ବଲ୍ ପ୍ରଶିକ୍ଷକ ନୌଶାଦ୍ ମୂଷା ୨୦୨୬ ସାଫ୍ ଚାମ୍ପିୟନ୍‌ସିପ ପ୍ରତିଯୋଗିତାରେ ଭାରତର ଟାଇଟଲ୍ ହାସଲପାଇଁ ଆଶାବାଦୀ ଅଛନ୍ତି । ପାକିସ୍ତାନ ପ୍ରଥମ ଥରଲାଗି ସାଫ୍ ଚାମ୍ପିୟନ୍‌ସିପ୍ ଫାଇନାଲ୍‌ରେ ଖେଳିବ ।

ଆଇଏମ୍‌ଡି

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦକ୍ଷିଣ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଅକଓ୍ୱାନ ବାତ୍ୟା ସୃଷ୍ଟି ହୋଇଛି ।

ଏହା ଏବେ ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତିକରୁଛି ଏବଂ ଆଜି ସଂଧ୍ୟାସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ପରେ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଘନୀଭୂତ ହୋଇ ଆସନ୍ତା ଗୁରୁବାର ସୁଦ୍ଧା ଅତି ଭୀଷଣ ବାତ୍ୟାରେ ରୂପାନ୍ତରିତ ହେବ । ପାଣିପାଗ ବିଭାଗର ସୂଚନା ମୁତାବକ ଏହି ବାତ୍ୟା ଆନ୍ଧ୍ରପ୍ରଦେଶ ଏବଂ ୟାନମ୍ ଉପକୂଳ ମଧ୍ୟଭାଗସ୍ଥିତ ନେଲୋର ଓ ଚୁନି ମଧ୍ୟରେ ଆସନ୍ତା ଶୁକ୍ରବାର ଅତିକ୍ରମ କରିବାର ସମ୍ଭାବନା ରହିଛି । ବିଭାଗର ସୂଚନା ଅନୁଯାୟୀ ଚଳିତମାସ ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ପଶ୍ଚିମ, ଦକ୍ଷିଣ-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ଅକ୍ୱାନ୍ ପ୍ରଭାବରେ ଆନ୍ଧ୍ରପ୍ରଦେଶ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ସମେତ ତାମିଲନାଡୁ ଓ ପୁଡୁଚେରୀରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି ।